D/ - 128
7/2/26

# ଓଡିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**No.RDM-LAA-CTC-0002-2026- 5570 /R&DM, Dated 07 FEB 2026**

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା**

ରାଜ୍ୟ ସରକାର ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, କଟକ ଙ୍କ ପରାମର୍ଶ କ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବ ସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥାଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ ୨୦୧୩ ର ଧାରା ୪(୧) ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

**୧. ପ୍ରକଳ୍ପ ବିକାଶକାରୀଙ୍କ ନାମ:-** - ଅଧୀକ୍ଷଣ ଯନ୍ତ୍ରୀ ଏବଂ ସାଧାରଣ ପରିଚାଳକ, ଡିଭିଜନ-୨, କଟକ, ଓଡିଶା ସେତୁ ଓ ନିର୍ମାଣ ନିଗମ ଲି଼ଃ ।

**୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ:-** କଟକ ଜିଲ୍ଲା ନେମାଳ ସ୍ଥିତ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସ ପୀଠର ଉନ୍ନତିକରଣ ନିମନ୍ତେ ଭୂମି ଅଧିଗ୍ରହଣ, ମୌଜା- ନେମାଳ, ଥାନା- ନେମାଳ ଜିଲ୍ଲା- କଟକ ।

**୩.SIA ସର୍ବେକ୍ଷଣ ଅନୁଷ୍ଠାନ:- M/s. RAC, Bhubaneswar**, an empanelled agency under Nabakrushna Choudhary Centre for Development Studies, Bhubaneswar.

**୪. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:-** Nabakrushna Choudhary Centre for Development Studies, Bhubaneswar, Pin-751001 Phone No.(0674) 2300471, 7827451458.

**୫. ପ୍ରକଳ୍ପ ପାଇଁ କଟକ ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ /ତଫସିଲ**

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|
| ୧ | ନିଶ୍ଚିନ୍ତକୋଇଲି | ନେମାଳ | ଏ ୧.୫୪୨୦ | |
| ମୋଟ | | | ଏ ୧.୫୪୨୦ | |

ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

**(କ) ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ:-** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଗତ **ନେମାଳ** ମୌଜାରେ **ଏ ୧.୫୪୨୦** ପରିସୀମାରେ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସ ପୀଠର ଉନ୍ନତିକରଣ ନିମନ୍ତେ ଅଧୀକ୍ଷଣ ଯନ୍ତ୍ରୀ ଏବଂ ସାଧାରଣ ପରିଚାଳକ, ଡିଭିଜନ-୨, କଟକ, ଓଡିଶା ସେତୁ ଓ ନିର୍ମାଣ ନିଗମ ଲିଃ ଦ୍ୱାରା ଭୂମି ଅଧିଗ୍ରହଣର ଆବଶ୍ୟକ ହେଉଅଛି ।

**(ଖ)SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :-** କଟକ ଜିଲ୍ଲା ରେ ଉପରୋକ୍ତ ୧ ଗୋଟି ମୌଜା ରେ **ଏ ୧.୫୪୨୦** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

**(ଗ)** ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

(ଘ )SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ:- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୂଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ।

(ଙ)SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୪୫ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

03/01/2023

(ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

- Contd.

# ଭୂମି ଅନୁସୂଚୀ

"ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସ ପୀଠ ର ଉନ୍ନତିକରଣ ନିମନ୍ତେ ଭୂମି ଅଧିଗ୍ରହଣ"

ତହସିଲ-ନିଶ୍ଚିନ୍ତକୋଇଲି ମୌଜା- ନେମାଳ, ଥାନା- ନେମାଳ ଜିଲ୍ଲା- କଟକ ।

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧. | ୩୨୯ | ୧୧୬୦ | ୦.୦୭ | ୦.୦୭ | ଘରବାରି | ପ୍ରଫୁଲ୍ଲ କୁମାର ସାହୁ ପି-ନାରାୟଣ ସାହୁ, ଜା-ଗୁଡିଆ, ବା-ଚଅଁପୁର, ଥାନା-କେନ୍ଦ୍ରାପଡା |
| ୨ | ୨୯୩ | ୧୧୬୧ | ୦.୦୭ | ୦.୦୭ | ଘରବାରି | ବିଜୟାନନ୍ଦ ଦାଶ, ଅଜୟାନନ୍ଦ ଦାଶ, ଅଭୟାନନ୍ଦ ଦାଶ, ମଞ୍ଜୁପ୍ରଭା ଦାଶ, ସଞ୍ଜୁକ୍ତା ଦାଶ ପି-ଧ୍ରୁବାନନ୍ଦ ଦାଶ, ତନ୍ମୟ କିଶୋର ଦାଶ, ଚିନ୍ମୟ କିଶୋର ଦାଶ ପି-ରାଜ କିଶୋର ଦାଶ, ଜା-କରଣ ବୈଷ୍ଣବ ବା-ନେମାଳ |
| ୩ | ୪୩୮ | ୧୧୬୩ | ୦.୦୪୫ | ୦.୦୪୫ | ଘରବାରି | ବିଜୟ କୁମାର ସିଂହ, ଅରୁଣ କୁମାର ସିଂହ ପି: ରଙ୍ଗାଧର ସିଂହ,କିସ୍ମତ ଟ ସାତ ଅଣା ଦୁଇ ପାହି ରାଜକିଶୋର ସିଂହ ପି: ଭାଗବତ ସିଂହ କିସ୍ମତ ଟ. ଚାରିଅଣା ପାଞ୍ଚପାହି, ଧରଣୀଧର ସିଂହ ପି: ନିରୋଦ ପ୍ରସାଦ ସିଂହ କିସ୍ମତ ଟ. ଚାରିଅଣା ପାଞ୍ଚପାହି ଜା: ରାଜପୁତ ବା: ମାଣିକପୁର |
| ୪ | ୫୭୯/୧୩୩ | ୧୧୬୩/୧୨୮୯ | ୦.୦୧୨୫ | ୦.୦୧୨୫ | ଘରବାରି | ସତ୍ୟାନନ୍ଦ ମହାପାତ୍ର ପି-ଚନ୍ଦ୍ରମଣି ମହାପାତ୍ର, ଜା-ଖଣ୍ଡାୟତ ବା-ରହଂସ |
| ୫ | ୫୭୯/୧୪୫ | ୧୧୬୩/୧୨୯୯ | ୦.୦୧୨୫ | ୦.୦୧୨୫ | ଘରବାରି | ସତ୍ୟାନନ୍ଦ ମହାପାତ୍ର ପି-ଚନ୍ଦ୍ରମଣି ମହାପାତ୍ର, ଜା-ଖଣ୍ଡାୟତ ବା-ରହଂସ |
| ୬ | ୨୭୨ | ୧୧୬୪ | ୦.୦୨ | ୦.୦୨ | ଘରବାରି | ତିର୍ଥାନନ୍ଦ ଗୋସ୍ୱାମୀ, ଜ୍ଞାନାନନ୍ଦ ଗୋସ୍ୱାମୀ ପି-ଯାଦବାନନ୍ଦ ଗୋସ୍ୱାମୀ, ଜା-କରଣ ବୈଷ୍ଣବ, ବା-ନେମାଳ |
| | | ୧୧୬୫ | ୦.୦୨ | ୦.୦୨ | ଘରବାରି | |
| | | ୧୧୬୬ | ୦.୧୩ | ୦.୦୯ | ଘରବାରି | |
| ୭ | ୩୭୫ | ୧୧୭୨ | ୦.୧୬ | ୦.୦୮୨ | ଘରବାରି | ପୁନାନନ୍ଦ ପୂଝାରୀ ପି:ବାସୁଦେବ ପୂଝାରୀ ଜା: ଗୋପାଳ ବୈଷ୍ଣବ ବା: ସାନ୍ତପୁର |

| | | | | | | |
|---|---|---|---|---|---|---|
| ୮ | ୧୩୮ | ୧୧୭୫ | ୦.୪୨ | ୦.୪୨ | ଜଳାଶୟ | ଅଖିଳାନନ୍ଦ ଗୋସ୍ୱାମୀ, ଅଜିତାନନ୍ଦ ଗୋସ୍ୱାମୀ, ଅନିଳାନନ୍ଦ ଗୋସ୍ୱାମୀ, ଅଧିରାନନ୍ଦ ଗୋସ୍ୱାମୀ ପି- ଜଗତାନନ୍ଦ ଗୋସ୍ୱାମୀ, ଜା-କରଣ ବୈଷ୍ଣବ ବା- ନେମାଳ |
| ୯ | | ୧୧୭୬ | ୦.୨ | ୦.୨ | ଘରବାରି | |
| ୧୦ | | ୧୧୭୭ | ୦.୦୪ | ୦.୦୪ | ଘରବାରି | |
| ୧୧ | | ୧୧୭୮ | ୦.୭୨ | ୦.୪୬ | ଘରବାରି | |
| | | | ମୋଟ | ୧.୫୪୨୦ | | |

ଭୂ-ଅର୍ଜନ ଅଧିକାରୀ (ପୌର), କଟକ

Land Acquisition Officer
(Civil) Cuttack

COLLECTOR, CUTTACK